## ରୋଗୀଙ୍କ ଜୀବନ ସହ ଖେଳ

# ହାଇକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ କାର୍ଯ୍ୟକାରୀ ହୋଇନି ଅଗ୍ନି ନିରାପତ୍ତା ବ୍ୟବସ୍ଥା!

**କଟକ, ୧୬।୩ (ସମିସ):** ରାଜ୍ୟର ରେଫରାଲ ହସ୍ପିଟାଲ ଭାବେ ପରିଚିତ କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସ୍ପିଟାଲରେ ଘଟିଥିବା ଭୟାବହ ଅଗ୍ନିକାଣ୍ଡରେ ୧୦ଜଣ ରୋଗୀଙ୍କ ମୃତ୍ୟୁ ଘଟଣା ସରକାରୀ ଓ ପ୍ରଶାସନିକ କଳର ଅପାରଗତାକୁ ପଦାରେ ପକାଇଛି। ଗୋଟିଏ ପଟେ ଏହି ହସ୍ପିଟାଲକୁ ପ୍ରତିଦିନ ସହସ୍ରାଧିକ ସଂଖ୍ୟାରେ ରୋଗୀ ଚିକିତ୍ସିତ ହେବାକୁ ଆସୁଥିବା ବେଳେ ବିଦ୍ୟୁତ୍ ସଟ୍‌ସର୍କିଟ୍ ଜନିତ ଅଗ୍ନିକାଣ୍ଡ ଘଟଣା ଏଠାରେ ରହିଥିବା ଅଗ୍ନି ନିରାପତ୍ତା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସୂଚନାଯୋଗ୍ୟ ଯେ ମୈତ୍ରୀ ସଂସଦ ପକ୍ଷରୁ ରୁଜୁ ଏକ ଜନସ୍ୱାର୍ଥ ମାମଲାର ଶୁଣାଣିରେ ପୂର୍ଣ୍ଣଚ୍ଛେଦ ପକାଇ ନିର୍ଦ୍ଧାରିତ ସମୟ ସୀମାରେ ଏସସିବିରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ପାଇଁ ଗତ ୨୦୨୪ ଜୁଲାଇ ୧୬ରେ ନିର୍ଦ୍ଦେଶ ଦେଇଥିଲେ ହାଇକୋର୍ଟ। ହେଲେ ଏହା ଏବେ ବି ଅଧାପନ୍ତରିଆ ଅବସ୍ଥାରେ ରହିଥିବା ଜଣାପଡିଛି। ବିଶେଷକରି ଏସସିବି ମେଡିକାଲରେ ଥିବା ୮୫ଟି କୋଠାରୁ ୩୩ଟି କୋଠାର ଅଗ୍ନି ନିରାପତ୍ତା ପ୍ରମାଣପତ୍ର ମଧ୍ୟ ନ ଥିଲା। ଏସସିବି ପରି ଏକ ବଡ଼ ଅନୁଷ୍ଠାନରେ ଅଗ୍ନି ନିର୍ବାପକ ବ୍ୟବସ୍ଥା ନ ଥିବା ହାଇକୋର୍ଟ ପୂର୍ବରୁ ଉଦବେଗ ପ୍ରକାଶ କରିବା ସହ ଏହି କାର୍ଯ୍ୟର ପ୍ରଗତିକୁ ନେଇ କ୍ଷୁବ୍ଧ ହୋଇଥିଲେ। ତେବେ ଅଗ୍ନିଶମ ଡିଜିଙ୍କ ସତ୍ୟପାଠ ପରେ ସ୍ଥିତି ସୁଧୁରିଯିବ ବୋଲି ଆଶା କରାଯାଇଥିଲେ ମଧ୍ୟ ଦେଢ ବର୍ଷ ପରେ କିଛି ଆଖିଦୃଶିଆ ପଦକ୍ଷେପ ନିଆଯାଇ ନ ଥିବା ଅଭିଯୋଗ ଉଠିଛି। ଏପରିକି ମେଡିକାଲର ବିଭିନ୍ନ କୋଠାରେ ଅଟୋମେଟିକ ସ୍ମୋକ ଡିଟେକ୍ସନ, ଆଲାରାମ ସିଷ୍ଟମ, ଫାୟାର ବଲ ଉପଲବ୍ଧ କରାଯିବା ସହ ସମସ୍ତ ଇଲେକ୍ଟ୍ରିକାଲ ଇନଷ୍ଟଲେସନ ସିଷ୍ଟମର ଯାଞ୍ଚ ସହ ଅଣ୍ଡରଗ୍ରାଉଣ୍ଡ ଷ୍ଟାଟିକ ଟାଙ୍କ, ୟାର୍ଡ ହାଇଡ୍ରାଣ୍ଟ, ଅଟୋମେଟିକ ସ୍ପ୍ରିଙ୍କଲର ସିଷ୍ଟମ ଆଦି ୩ରୁ ୬ ମାସରେ ଶେଷ କରିବା ପାଇଁ ସେହି ସମୟରେ କୁହାଯାଇଥିଲା। ସେହିଭଳି ଏ ସବୁ କାର୍ଯ୍ୟକାରୀ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ଏସସିବି ମେଡିକାଲର ଅଗ୍ନିକାଣ୍ଡ ଘଟଣାର ବିଚାର ବିଭାଗୀୟ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇସାରିଥିବାରୁ ଅଗ୍ନି ନିରାପତ୍ତା ବ୍ୟବସ୍ଥା ସମ୍ପର୍କରେ କିଛି କହିବାକୁ ମନା କରିଛନ୍ତି ଅଗ୍ନିଶମ ଡିଜି ସୁଧାଂଶୁ ଷଡଙ୍ଗୀ।

### ଏସସିବି ଅଗ୍ନିଶମ କେନ୍ଦ୍ରକୁ ୧୦ ବର୍ଷରେ ୧୦୦ରୁ ଅଧିକ ଫାୟାର କଲ୍

ଏସସିବି ମେଡିକାଲରେ ଘଟୁଥିବା ଅଗ୍ନିକାଣ୍ଡର ମୁକାବିଲା ତଥା ରୋଗୀଙ୍କ ସୁରକ୍ଷା ଦୃଷ୍ଟିରୁ ମେଡିକାଲ ପରିସରରେ ଗତ ୨୦୧୬ ଜୁନ୨୯ରେ ଏକ ଅଗ୍ନିଶମ କେନ୍ଦ୍ର ସ୍ଥାପନ କରାଯାଇଥିଲା। ତେବେ ଗତ ୧୦ ବର୍ଷ ମଧ୍ୟରେ ଏହି ଅଗ୍ନିଶମ କେନ୍ଦ୍ରକୁ ୧୦୦ରୁ ଊର୍ଦ୍ଧ୍ୱ ଫାୟାର କଲ୍ ଆସିଥିବା ଜଣାପଡିଛି। ମିଳିଥିବା ସୂଚନାନୁସାରେ ଏଥି ମଧ୍ୟରେ ସର୍ବାଧିକ ୭୦ଟି ବିଦ୍ୟୁତ ସଟସର୍କିଟ ଜନିତ ଥିଲା ବେଳେ ବାକି ଅଗ୍ନିକାଣ୍ଡ ଅଳିଆ ଆବର୍ଜନା ଓ ଅନ୍ୟ ଉତ୍ସରୁ ହୋଇଥିବା ଜଣାପଡିଥିଲା।

### ୨୦୧୯ରେ ଏସସିବି ରେକର୍ଡ ରୁମ୍‌ରେ ଘଟିଥିଲା ଭୟାବହ ଅଗ୍ନିକାଣ୍ଡ

ଶେଷ ଥର ପାଇଁ ଗତ ୨୦୧୯ରେ ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲର ରେକର୍ଡ ରୁମ୍ ସେକ୍ସନରେ ଏକ ଭୟାବହ ଅଗ୍ନିକାଣ୍ଡ ଘଟିଥିଲା। ଏହି ଦୁର୍ଘଟଣାରେ କୌଣସି ପ୍ରାଣହାନୀ ହୋଇ ନ ଥିଲେ ମଧ୍ୟ ଅନେକ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ପୋଡ଼ି ପାଉଁଶ ହୋଇଯାଇଥିଲା। ବିଦ୍ୟୁତ ସର୍ଟସର୍କିଟ ଯୋଗୁଁ ଏହି ଅଘଟଣ ଘଟିଥିଲା। ସେହିଭଳି ୨୦୧୭ରେ ମଧ୍ୟ ଏକ ବଡଧରଣର ଅଗ୍ନିକାଣ୍ଡ ଘଟିଥିଲେ ବି କୌଣସି ଜୀବନ ଯାଇ ନ ଥିଲା।

### ରୋଗୀଙ୍କ ଉପରେ ଖସିପଡ଼ିଥିଲା ଛାତ ସିଲିଂ

ବିଭିନ୍ନ ସମୟରେ ବିଭିନ୍ନ ଅଘଟଣକୁ ନେଇ ଚର୍ଚ୍ଚାରେ ରହିଆସୁଥିବା କଟକ ବଡ ମେଡିକାଲ ଛାତରୁ ଚିକିତ୍ସାଧୀନ ରୋଗୀଙ୍କ ଉପରେ ସିଲିଂ ଖସିପଡିବା ଭଳି ଘଟଣା ଅତୀତରେ ଘଟିଥିବାର ନଜିର ରହିଛି। ସୂଚନା ମୁତାବକ ଗତ ଜାନୁଆରୀ ମାସରେ ପୁରୁଣା ମେଡିସିନ ୱାର୍ଡର ଛାତ ସିଲିଂ ଖସିପଡି ଜଣେ ରୋଗୀଙ୍କ ମୁଣ୍ଡ ଉପରେ ପଡିଥିଲା। ଗୋଟିଏ ବଡ ସରକାରୀ ହସ୍ପିଟାଲରେ ବାରମ୍ବାର ଏଭଳି ଘଟଣା ଘଟିବା ରୋଗୀ ଓ ତାଙ୍କ ସମ୍ପର୍କୀୟଙ୍କ ପାଇଁ ଚିନ୍ତାର କାରଣ ପାଲଟିଆସିଛି।

### ଏସ୍‌ସିବିରେ ଫ୍ୟାନ୍ ପଡ଼ି ମୃତ୍ୟୁବରଣ କରିଥିଲେ ମହିଳା ରୋଗୀ

ଗତ ୨୦୨୧ରେ ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲର ସର୍ଜରୀ ୱାର୍ଡରେ ଏକ ଅଭାବନୀୟ ଘଟଣା ଘଟିଥିଲା। ଜଣେ ମହିଳା ରୋଗୀଙ୍କ ଉପରେ ଚଳନ୍ତା ସିଲିଂ ଫ୍ୟାନ୍ ଖସି ପଡ଼ିବାରୁ ସେ ଗୁରୁତର ଆହତ ହୋଇଥିଲେ। ପରବର୍ତ୍ତୀ ସମୟରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ମହିଳା ଜଣକ ପୋଡ଼ି ହୋଇ ସର୍ଜରୀ ୱାର୍ଡରେ ଭର୍ତ୍ତି ହୋଇଥିଲେ ହେଲେ ଭଲ ହେବା ପୂର୍ବରୁ ତାଙ୍କର ଜୀବନ ଯାଇଥିଲା।

### ସରକାରୀ ଅପାରଗତାରୁ ୮ ମାସ ଫାଙ୍କା ପଡିଥିଲା ଅଧୀକ୍ଷକ ପଦ

ଏସସିବି ମେଡିକାଲରେ କେବଳ ଅଗ୍ନିକାଣ୍ଡ ଘଟଣା ନୁହେଁ ଅନେକ ଅଘଟଣ ପାଇଁ ସରକାରୀ ଉଦାସୀନତା ଓ ପ୍ରଶାସନିକ ଅପାରଗତା ପଦାରେ ପଡିଛି। ଗୋଟିଏ ପଟରେ ଏହି ମେଡିକାଲକୁ ତତ୍କାଳୀନ ବିଜେଡି ସରକାର ବିଶ୍ୱସ୍ତରୀୟ ଏମ୍ସ ପ୍ଲସ ହସ୍ପିଟାଲରେ ପରିଣତ କରିବା ପାଇଁ ଯୋଜନା କାର୍ଯ୍ୟକାରୀ କରିଆସୁଥିଲେ। ହେଲେ ନୂତନ ସରକାର ଆସିବା ପରେ ବି ଏହି ମେଡିକାଲର ଅଧୀକ୍ଷକ ପଦ ଗତ ୨୦୨୪ ଅଗଷ୍ଟରୁ ଦୀର୍ଘ ୮ ମାସ ଧରି ଫାଙ୍କା ପଡି ରହିଥିଲା। ପରେ ହାଇକୋର୍ଟଙ୍କ କଡା ନିର୍ଦ୍ଦେଶ ପରେ ଏବେର ସରକାର ଗତ ୨୦୨୫ ମେ ମାସରେ ପୂରଣ କରିଥିଲେ।

# ଡାକ୍ତରଖାନା ଜଳୁଛି; ଅଗ୍ନିଶମ ବିଭାଗକୁ ଗହନ ନିଦ

ଭୁବନେଶ୍ୱର,୧୬।୩(ସମିସ): ରାଜ୍ୟରେ ଗୋଟିଏ ପରେ ଗୋଟିଏ ଡାକ୍ତରଖାନା ଜଳୁଛି। ସୁସ୍ଥ ହେବା ଆଶାରେ ଡାକ୍ତରଖାନାକୁ ଆସୁଥିବା ରୋଗୀମାନେ ନିଆଁ ଝୁଲରେ ଶବ ପାଲଟି ଯାଉଛନ୍ତି। ସ୍ୱାସ୍ଥ୍ୟ ମନ୍ଦିର କୁହାଯାଉଥିବା ଡାକ୍ତରଖାନାରୁ ରୋଗୀଙ୍କ ଦଗ୍ଧ ଓ ଅର୍ଦ୍ଧଦଗ୍ଧ ଶବ ଘରକୁ ଫେରୁଛି। ମାତ୍ର ରାଜ୍ୟରେ ଅଗ୍ନିଶମ ବିଭାଗ ବର୍ଷ ବର୍ଷ ଧରି ନିଘୋଡ ନିଦରେ ଶୋଇ ରହିଛି।

୨୦୨୪ ମସିହା ଜୁଲାଇ ୧୫ ତାରିଖରେ କଟକ ଜିଲ୍ଲା ପୁରୀଘାଟ ନିକଟରେ ଏକ ଡ଼ାକ୍ତରଖାନାରେ ନିଆଁ ଲାଗିଥିଲା। ଆଇସିୟୁରେ ନିଆଁ ଲାଗିବା ଯୋଗୁଁ ୪୫ ଜଣ ରୋଗୀ ଗୁରୁତର ହୋଇଥିଲେ। ଏହା ପରେ ରାଜ୍ୟର ବିଭିନ୍ନ ସ୍ଥାନରେ ବିଭିନ୍ନ ଡାକ୍ତରଖାନା ଓ ସ୍ୱାସ୍ଥ୍ୟ ପ୍ରତିଷ୍ଠାନରେ ନିଆଁ ଲାଗିଛି। ଏହି ହସ୍ପିଟାଲଗୁଡ଼ିକ ଫାୟାର ସେଫ୍‌ଟି ନିୟମର ଅନୁପାଳନ କରିନାହିଁ ବୋଲି କହି ଅଗ୍ନିଶମ ବିଭାଗ ବାଟ କାଟିଛି। ମାତ୍ର ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ରାଜ୍ୟ ବା ଦେଶରେ କେଉଁଠି ନିଆଁ ଲାଗିଲେ, ଅଗ୍ନିଶମ ବିଭାଗ ଅକସ୍ମାତ ତତ୍ପର ହୋଇ ଉଠେ, ଯାଞ୍ଚ ହୁଏ, ଚଢ଼ାଉ ଚାଲେ। ମାତ୍ର ଯେଉଁ କଥାକୁ ସେହି କଥା।

### ବିଭାଗୀୟ ଅଧିକାରୀଙ୍କୁ ଘୋଡ଼ାଉଛି କିଏ ?

ପ୍ରତ୍ୟେକ ଅଗ୍ନିକାଣ୍ଡ ପରେ ଅଗ୍ନିଶମ ବିଭାଗ ପକ୍ଷରୁ ଗୋଟିଏ ଧରାବନ୍ଧା ଉତ୍ତର ଆସୁଛି ଫାୟାର ସେଫ୍ଟି ସାର୍ଟିଫିକେଟ୍ ନ ଥିଲା କିମ୍ବା ସେମାନେ ଫାୟାର ସେଫ୍‌ଟି ନିୟମକୁ ଅନୁପାଳନ କରି ନଥିଲେ। ମାତ୍ର ବର୍ଷବର୍ଷ ଧରି ନିଘୋଡ଼ ନିଦରେ ଶୋଇ ରହୁଥିବା ଅଗ୍ନିଶମ ବିଭଗର ନିଆଁ ଲାଗିବା ପରେ ଏସବୁ ନିୟମ ପାଳନ ହୋଇ ନାହିଁ। ଯେତେବେଳେ ହସ୍ପିଟାଲ ଜଳି ସାରି ବହୁ ସଂଖ୍ୟାକ ରୋଗୀଙ୍କ ମୃତ୍ୟୁ ହୋଇଯାଉଛି, ସେତିକିବେଳେ ହିଁ କ'ଣ ପାଇଁ ମନେ ପଡ଼ିଯାଉଛି ବୋଲି ବିଭିନ୍ନ ମହଲରେ ଏବେ ପ୍ରଶ୍ନ ଉଠିଛି। ଏହି ଘଟଣାରୁ ଅଗ୍ନିଶମ ବିଭାଗ ଶିକ୍ଷା ଲାଭ କରି ଫାୟାର ସେଫ୍‌ଟି ନିୟମକୁ କଡ଼ାକଡ଼ି କରିବା କଥା। ହେଲେ ନିୟମ ଅନୁପାଳନ ନାମରେ ଅଗ୍ନିଶମ ବିଭାଗ ଭୁଆଁ ବୁଲାଇ ଚାଲିଛି। ଟୁଇନ୍ ସିଟି କଟକ-ଭୁବନେଶ୍ୱରରେ ଶହଶହ ହସ୍ପିଟାଲ ଫାୟାର୍ ସେଫ୍‌ଟି ସାର୍ଟିଫିକେଟ୍ ନ ଥାଇ ଅପରେଟ୍ କରୁଛନ୍ତି। ହେଲେ ହସ୍ପିଟାଲ ଲବି ସାମ୍ନାରେ ସ୍ଥାଣୁ ପାଲଟିଯାଉଛି ଅଗ୍ନିଶମ ବିଭାଗ। ଜାତୀୟ ବିଲ୍ଡିଂ କୋଡ୍ ନିୟମକୁ କଡ଼ାକଡ଼ି ଲାଗୁ କରିବାରେ ବିଭାଗ ବର୍ଷ ବର୍ଷ ଧରି କହି ଖସିବାରେ ଲାଗିଛି ତାହାର ଉତ୍ତର କାହା ପାଖରେ ନାହିଁ।

# 'କଟକ ମୋର ସୃଜନର ଅଂଶ': ଗିରିଜା



ସାଂପ୍ରତିକ ଓଡ଼ିଆ ସାହିତ୍ୟର ବିଶିଷ୍ଟ କବି ଗିରିଜା କୁମାର ବଳୀୟାରସିଂହ ୨୦୨୫ ମସିହା ନିମନ୍ତେ ସମ୍ମାନଜନକ ସାହିତ୍ୟ ଅକାଦେମି ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ଏହି ଅବସରରେ ଶ୍ରୀ ବଳୀୟାରସିଂହଙ୍କ ସହ 'ସକାଳ'ର ଅଳ୍ପ ଆଳାପ...।

**ମର୍ଯ୍ୟାଦାଜନକ ସାହିତ୍ୟ ଅକାଦେମି ପୁରସ୍କାର ପାଇବା ପାଇଁ ଆପଣ ମନୋନୀତ ହୋଇଛନ୍ତି। କେତେ ଖୁସି?**

▸▸ ସାହିତ୍ୟ ଅକାଦେମି ପୁରସ୍କାର ଘୋଷଣା ଖବର ପ୍ରଥମେ ମୁଁ ମୋର ପ୍ରିୟ ଶୁଭେଚ୍ଛୁ ଓ ପାଠକମାନଙ୍କଠାରୁ ଫୋନ୍ ଓ ମେସେଜ୍ ମାଧ୍ୟମରେ ଜାଣିବାକୁ ପାଇଲି। ମୋଠୁ ମୋର ପ୍ରିୟ ବନ୍ଧୁ ଓ ପାଠକମାନେ ଅଧିକ ଖୁସି। ତେଣୁ ମୁଁ ବି ସ୍ୱାଭାବିକ ଭାବେ ଆନନ୍ଦ ଅନୁଭବ କରୁଛି। ନହେଲେ ଏଥିରେ ବ୍ୟକ୍ତିଗତ ଭାବେ ମୋର ଖୁସି ହେବା କ'ଣ ଅଛି?

**ସଫଳତାର ଶ୍ରେୟ କାହାକୁ ଦେବେ?**

▸▸ ସୃଜନ କୌଣସି ସଫଳତା ବା ବିଫଳତାର ମାପକାଠି ନୁହେଁ। କବିତାକୁ ମୁଁ ବୁଝେ। କବିତା ହେଉଛି ଜୀବନର ମଝି ନଈ। ଜଣେ କବି ମଝି ନଈର ନାଉରୀ। ମୁଁ ତ କବି ନୁହେଁ, ମୁଁ ନିଜକୁ କବି ବୋଲି କେବେ ଭାବେନି। କେବଳ ଡଙ୍ଗାଟିକୁ ନେଇ ମଝି ନଈରେ କାତ ମାରି ଘେରାଏ ଦି'ଘେରା ବୁଲି ଆସିବା କଥା।

**'ପାଦପୂରଣ' କବିତାର ସ୍ୱର କ'ଣ ?**

▸▸ କବିତାର ସ୍ୱର କି କବିତାର ଦିଗ; ଏସବୁକୁ ନେଇ କବିତା ଆସେନି। ମୋର ଉପଲବ୍ଧିରେ କବିତା ହେଉଛି ଇଚ୍ଛାକୁ ଅକ୍ଷର କରିବା। ତେଣୁ ମୋର ବିଭିନ୍ନ ରଙ୍ଗର ଇଚ୍ଛା ଅଛି। ମୋର ବିଭିନ୍ନ କିସମର ଇଚ୍ଛା ଅଛି। ମୋର ବିଭିନ୍ନ ଚରିତ୍ରର ମଧ୍ୟ ଇଚ୍ଛା ଅଛି। ମୁଁ ସେଇ ଇଚ୍ଛାକୁ କେଉଁଠି କେଉଁଠି ଅକ୍ଷର କରିଛି ଏହି 'ପାଦପୂରଣ'ରେ। ପ୍ରଥମେ 'ପାଦପୂରଣ'ର ନାଁକୁ ଲକ୍ଷ୍ୟ କରନ୍ତୁ। ପାଞ୍ଚଟି ଅକ୍ଷରର ଗୋଟିଏ ଶବ୍ଦ। 'ପାଦପୂରଣ' ହେଉଛି ସେଇଆ ଯାହାକି ଦୁନିଆର କୌଣସି କବି କି ଶବ୍ଦର ବିଧାତା କେବେ ଭାବିଦେବା ଉଚିତ ନୁହେଁ କି ସେ ଯାହା ଲେଖିଦେଲେ ତାହା ଠିକ୍ କବି ଲେଖିଦେଲା। ସେହି କିଛି ସମୟ ଝରିଗଲା। ତାକୁ ଅନ୍ୟମାନେ ଗ୍ରହଣ କଲେ କି ନାହିଁ, ଯଦି ସେଇଟା ନ ହୋଇଛି, ତାହେଲେ ପାଦପୂରଣ ହୋଇନପାରେ। ମୁଁ ଲେଖିଲି ଯଦି ପାଠକ ତାହାକୁ ଗ୍ରହଣ କଲେନି, ତାହା ହେଲେ ସେ ପର୍ଯ୍ୟନ୍ତ ମୁଁ କିଛି ଲେଖିନି।

**ସନେଟ୍ ରଚନା ପ୍ରତି କାହିଁକି ଆକୃଷ୍ଟ ହେଲେ?**

▸▸ ସନେଟ୍ ଗୋଟେ ଅଲଗା ଧରଣର ସ୍ଥାପତ୍ୟ। କହିବା ଆଉ ଗପିବା ଭିତରେ ଯେଉଁ ତଫାତ୍, ସନେଟ୍ ହେଉଛି କବିତାର ସେହି ଧାରାଟିଏ ମୋ ପାଇଁ। ଯେଉଁଠାରେ ଗପିବା ଅପେକ୍ଷା କହିବା ହେଉଛି ଗୁରୁତ୍ୱପୂର୍ଣ୍ଣ। ସେ କହିବା ଗାରରେ ନକହି ଠାରରେ କହିବା। କାରଣ ତା'ର ଅଞ୍ଚଳ ବହୁତ କମ୍। ଆୟତନ ସୀମିତ। ସେତିକି ଭିତରେ ଯେତିକି କଥା କୁହାଗଲା। ତେଣୁ ସନେଟ୍‌ରେ ଗୋଟେ ଶୃଙ୍ଖଳାଗତ ଦିଗଟି ଅଛି। ଯେଉଁଟା ମୋତେ ଭଲ ଲାଗେ ମୁଁ ବେଶି କିଛି କହିବିନି, ଯେତିକି ଅଛି ସେତିକି କେବଳ ସୂଚାଇ ଦେବି। ମୁଁ କାହାକୁ କିଛି ବୁଝାଇବିନି, କେବଳ ସୂଚାଇ ଦେବି।

**ଆପଣ କଟକକୁ ନେଇ ଅନେକ ସନେଟ୍ ଲେଖିଛନ୍ତି? କଟକକୁ ନେଇ ସନେଟ୍ ଲେଖିବାର କୌଣସି ନିର୍ଦ୍ଦିଷ୍ଟ କାରଣ ଅଛି କି?**

▸▸ ବହୁତ କାରଣ ଅଛି। କାରଣ କଟକ ମୋତେ ପିଲା ଦିନ ଦେଇଛି। କଟକ ମୋ' ପାଇଁ ଗୋଟିଏ ସହରଟିଏ ନୁହେଁ। କଟକ ମୋର ଚରିତ୍ର ହୋଇଯାଇଛି। କଟକ ମୋର ଗୋଟେ ସୃଜନର ଅଂଶ ହୋଇଛି। କଟକ ମୋର ଅତି ଆପଣାର ହୋଇଯାଇଛି। ଏଇଠି ମୋର ଦୁଃଖର ଛକ, ସୁଖର ରାସ୍ତା। ଏଇଠି ମୋର ଆନନ୍ଦର ଅନ୍ଧାର, ଏଇଟି ମୋର ଆହ୍ଲାଦର ଆଲୋକ। ମୁଁ ସବୁ କିଛି ପାଇଛି। କଟକ ମୋତେ ବହୁତ ସ୍ମୃତି ଦେଇଛି। ତେଣୁ କଟକ ମୋର କବିତାରେ ଆସିବା ସ୍ୱାଭାବିକ।

**ଯୁବକବିମାନଙ୍କୁ କ'ଣ କହିବେ?**

▸▸ ଆଜିର ଯୁବ କବିମାନେ ବହୁତ ଆଗୁଆ। ସେମାନେ ନିଜେ ଜାଣନ୍ତି କ'ଣ କରିବେ। ତାଙ୍କ ଦୁଃଖସୁଖକୁ କେମିତି ବ୍ୟାପକ କରିବେ ତାଙ୍କ ସୃଜନରେ, ତାହା ସେମାନଙ୍କ ବେଶ୍ ଜଣା। ସେମାନଙ୍କୁ ଆମେ କ'ଣ କହିବୁ, ବରଂ ସେମାନେ କୁହନ୍ତୁ, ଆମର କିଛି ଅଭାବ ରହିଲା ବା ଆମ ପାଖରୁ କ'ଣ ପାଇବେ।

# ରାଜ୍ୟସଭାରେ ଓଡ଼ିଶାର ସ୍ୱର ଆହୁରି ଶାଣିତ ହେବ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୬।୩(ସମିସ): ଆଜି ଓଡ଼ିଶା ଇତିହାସରେ ଏକ ସ୍ମରଣୀୟ ଦିନ। ରାଜ୍ୟସଭା ନିର୍ବାଚନରେ ବିଜେପି ଓ ବିଜେପି-ସମର୍ଥିତ ୩ ଜଣ ପ୍ରାର୍ଥୀଙ୍କ ଏହି ପ୍ରଚଣ୍ଡ ବିଜୟ କେବଳ ଦଳୀୟ ସଫଳତା ନୁହେଁ, ବରଂ ଏହା ବିଶ୍ୱର ସବୁଠାରୁ ଶକ୍ତିଶାଳୀ ଏବଂ ପ୍ରଭାବଶାଳୀ ଜନନେତା, ଆମର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ସୁଦୃଢ଼ ନେତୃତ୍ୱ ଓ ଦୂରଦର୍ଶୀ ମାର୍ଗଦର୍ଶନର ପ୍ରତିଫଳନ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ମୁଖ୍ୟମନ୍ତ୍ରୀ ସମୃଦ୍ଧ ଓଡ଼ିଶା ଓ ବିକଶିତ ଭାରତ ଗଠନ ଦିଗରେ ଆଗକୁ ବଢ଼ିବା ପାଇଁ ଆମର ଏହି ରାଜ୍ୟସଭା ନିର୍ବାଚନରେ ତିନି ଜଣ ନିର୍ବାଚିତ ହୋଇଛନ୍ତି। ଆମର ନବନିର୍ବାଚିତ ସାଂସଦ ମନମୋହନ ସାମଲ, ସୁଜିତ କୁମାର ଏବଂ ଦିଲୀପ ରାୟ ରାଜ୍ୟସଭାରେ ଓଡ଼ିଶାର ସ୍ୱାର୍ଥ ରକ୍ଷା କରିବା ସହ ପ୍ରଧାନମନ୍ତ୍ରୀଙ୍କ ବିକଶିତ ଭାରତ ଅଭିଯାନରେ ଓଡ଼ିଶାକୁ ଏକ ଅଗ୍ରଣୀ ରାଜ୍ୟ ଭାବେ ଗଢ଼ିତୋଳିବାକୁ ସଂକଳ୍ପବଦ୍ଧ ହୋଇଛନ୍ତି। ରାଜ୍ୟସଭାରେ ଓଡ଼ିଶାର ସ୍ୱର ଆହୁରି ଶାଣିତ ହେବ ବୋଲି ଆଶାପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ।

# ନବୀନଙ୍କ ଭରସା ଭାଙ୍ଗିଲେ ବହିଷ୍କୃତ ନେତାଙ୍କ ପୁଅ

**ଭୁବନେଶ୍ୱର, ୧୬।୩ (ସମିସ):** ବିଜେଡିରୁ ବହିଷ୍କୃତ ୩ ପୂର୍ବତନ ବିଜେଡି ନେତାଙ୍କ ପୁଅ ନବୀନଙ୍କ ଭରସା ଭାଙ୍ଗିଛନ୍ତି। ବାପାଙ୍କ ଦଳବିରୋଧୀ କାର୍ଯ୍ୟ ପାଇଁ ବିଜେଡିର ୩ ବରିଷ୍ଠ ନେତାଙ୍କୁ ନବୀନ ଦଳ ବାହାରକୁ ରାସ୍ତା ଦେଖାଇଥିଲେ ମଧ୍ୟ ସେମାନଙ୍କୁ ପୁଅମାନଙ୍କୁ ଟିକଟ ଦେଇ ବିଧାୟକ କରାଇଥିଲେ। ହେଲେ ଦଳ ଶାସନରୁ ଯିବା ପରେ ଏକ ଘଡ଼ିସନ୍ଧି ମୂହୁର୍ତ୍ତରେ ସେମାନେ ନବୀନଙ୍କ ପିଠିରେ ଛୁରା ମାରିଛନ୍ତି।

ବିଜେଡିରୁ ବହିଷ୍କୃତ ପରେ ବରିଷ୍ଠ ରାଜନେତା ବିଜୟ ମହାପାତ୍ର କେବେ ବିଧାନସଭା ମାଡ଼ି ପାରିନାହାନ୍ତି। ମାତ୍ର ଗତ ସାଧାରଣ ନିର୍ବାଚନରେ ତାଙ୍କ ପୁଅ ଅରବିନ୍ଦ ମହାପାତ୍ରଙ୍କୁ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ନଜ ଦଳରେ ସାମିଲ କରାଇ ତାଙ୍କୁ ଦଳୀୟ ଟିକଟ ଦେଇଥିଲେ। ଅରବିନ୍ଦ ବିଜେଡି ଟିକଟରୁ ବିଜୟୀ ହୋଇଥିଲେ ମଧ୍ୟ କିଛି ଦିନ ତଳେ ଦଳବିରୋଧୀ କାର୍ଯ୍ୟ ଅଭିଯୋଗରେ ତାଙ୍କୁ ନବୀନ ନିଲମ୍ବନ କରିଥିଲେ। ଆଜି ରାଜ୍ୟସଭା ଭୋଟ୍‌ରେ ତାଙ୍କୁ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ୍ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର ସେ କ୍ରସ୍ ଭୋଟିଂ କରିଛନ୍ତି। ସମାନ ଭାବେ ବିଜେଡିରୁ ବହିଷ୍କୃତ ନେତା ପ୍ରଭାତ ତ୍ରୀପାଠୀ ଓ ପ୍ରଭାତ ବିଶ୍ୱାଳଙ୍କ ପୁଅ ଦେବୀରଞ୍ଜନ ତ୍ରିପାଠୀ ଏବଂ ସୌଭିକ ବିଶ୍ୱାଳଙ୍କୁ ନବୀନ ୨-୨ଥର ବିଜେଡି ଟିକଟ ପ୍ରଦାନ କରିଆସିଛନ୍ତି। ଉଭୟ ନେତା ୨ଥର ଲେଖାଏଁ ବିଜେଡି ଟିକଟରୁ ନିର୍ବାଚନ ଲଢ଼ି ବିଧାୟକ ହୋଇଛନ୍ତି। ଦେବୀରଞ୍ଜନଙ୍କୁ ଦଳ ବିଜୁ ଛାତ୍ର ଜନତା ଦଳର ସଭାପତି ଭଳି ଗୁରୁତ୍ୱପୂର୍ଣ୍ଣ ପଦରେ ବସାଇଛି। ଏହା ସତ୍ତ୍ୱେ ଏହି ଦୁଇ ବିଧାୟକ ଆଜି ବିଜେଡି ହ୍ୱିପ୍ ବିରୋଧରେ ଯାଇ କ୍ରସ ଭୋଟିଂ କରିଛନ୍ତି। ସେମାନେ ବିଜେପି ସମର୍ଥିତ ପ୍ରାର୍ଥୀ ଦିଲ୍ଲୀପ ରାୟଙ୍କୁ ଭୋଟ୍ ଦେଇଛନ୍ତି।

ଅନ୍ୟପଟେ କ୍ରସ ଭୋଟିଂ କରିବା ପରେ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ କହିଥିଲେ, ତାଙ୍କ ବାପା ପ୍ରଭାତ ତ୍ରିପାଠୀ ଜରୁରୀକାଳୀନ ପରିସ୍ଥିତିରେ ଜଣେ ପ୍ରମୁଖ ପୀଡ଼ିତ। ଅଣକଂଗ୍ରେସ ରାଜନୀତିରେ ସେ ବିଶ୍ୱାସ କରି ଆସିଥିଲେ। ବିଜେଡି କଂଗ୍ରେସ ପାର୍ଟିର ଅସାଧୁ ମେଣ୍ଟ ହୋଇଛି। କିନ୍ତୁ ତାଙ୍କର କୌଣସି ମତ ନିଆଯାଇନଥିଲା। ତେଣୁ ସେ ଦିଲ୍ଲୀପ ରାୟଙ୍କୁ ଭୋଟ୍ ଦେଇଥିବା କହିଛନ୍ତି।

ସେହିପରି ବିଧାୟକ ସୌଭକ ବିଶ୍ୱାଳ କହିଛନ୍ତି, ତାଙ୍କ ବାପା ତଥା ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳଙ୍କ ପ୍ରତି ଦଳ ଯେଉଁ ଅନ୍ୟାୟ ଓ ଅତ୍ୟାଚାର କରିଛି, ତା'ର ପ୍ରତିଶୋଧ ନେଇଛନ୍ତି ବୋଲି ସେ କହିଛନ୍ତି।

# ନୀତା ଅମ୍ବାନୀଙ୍କୁ କିସ୍ ହ୍ୟୁମାନିଟାରିଆନ୍ ସମ୍ମାନ




**ଭୁବନେଶ୍ୱର, ୧୬।୩ (ସମିସ):** ରିଲାଏନ୍‌ସ ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ଅଧକ୍ଷା ନୀତା ଏମ୍. ଅମ୍ବାନୀଙ୍କୁ ସମ୍ମାନଜନକ କିସ୍ ହ୍ୟୁମାନିଟାରିଆନ୍ ସମ୍ମାନ-୨୦୨୫ ପ୍ରଦାନ କରାଯାଇଛି। ସୋମବାର କିସ୍ ଆଥ୍‌ଲେଟିକ୍ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଏକ ଭବ୍ୟ ଉତ୍ସବରେ ଶ୍ରୀମତୀ ଅମ୍ବାନୀଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ଶ୍ରୀଲଙ୍କାର ନୋବେଲ ବିଜେତା ପ୍ରଫେସର୍ ମୋହନ ମୁନାସିଂହେ, କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଏବଂ କିଟ୍ ଓ କିସ୍ ସଭାପତି ଶାଶ୍ୱତୀ ବଳଙ୍କ ଉପସ୍ଥିତିରେ ଏହି ସମ୍ମାନ ପ୍ରଦାନ କରିଥିଲେ। ରିଲାଏନ୍‌ସ ଫାଉଣ୍ଡେସନ୍ ମାଧ୍ୟମରେ ଶିକ୍ଷା, ସ୍ୱାସ୍ଥ୍ୟସେବା, ଗ୍ରାମୀଣ ପରିବର୍ତ୍ତନ, ମହିଳା ସଶକ୍ତୀକରଣ ଏବଂ କ୍ରୀଡ଼ା ପ୍ରୋତ୍ସାହନ ମାଧ୍ୟମରେ ସାମାଜିକ ବିକାଶରେ ଉଲ୍ଲେଖନୀୟ ଅବଦାନ ସକାଶେ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା।

ସମ୍ମାନ ଗ୍ରହଣ କରିବା ସହ କିସ୍ ଓ ଏହାର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଧନ୍ୟବାଦ ଦେଇ ଶ୍ରୀମତୀ ଅମ୍ବାନୀ କହିଲେ, ଓଡ଼ିଶାରେ ଅନେକ ଭବ୍ୟ ମନ୍ଦିର ରହିଛି। ଅଚ୍ୟୁତ ସାମନ୍ତ ଦୁଇଟି ମନ୍ଦିର ନିର୍ମାଣ କରିଛନ୍ତି। ତାହା ହେଉଛି ଦୁଇଟି ଆଧୁନିକ ଶିକ୍ଷା ମନ୍ଦିର - କିଟ୍ ଓ କିସ୍। ଏହି ଦୁଇଟି ଅନୁଷ୍ଠାନ ଆମ ଦେଶ ପାଇଁ ଗର୍ବ। ସମ୍ମାନଜନକ କିସ୍ ହ୍ୟୁମାନିଟାରିଆନ୍ ପୁରସ୍କାର ପାଇ ନିଜକୁ ଗର୍ବିତ ଅନୁଭବ କରୁଛନ୍ତି ଏବଂ ଏହି ସମ୍ମାନ କେବଳ ତାଙ୍କର ନୁହେଁ, ବରଂ ରିଲାଏନ୍‌ସ ଫାଉଣ୍ଡେସନର ସମସ୍ତ ସଦସ୍ୟଙ୍କ ପାଇଁ ଉଦ୍ଦିଷ୍ଟ ବୋଲି ସେ କହିଥିଲେ। କିସ୍ ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରି ସେ କହିଲେ, ତୁମେ ମୋତେ ଏଠାରେ ଦେଇଥିବା ସମ୍ମାନ ଓ ଭଲ ପାଇବାକୁ ମୁଁ କେବେ ବି ଭୁଲିପାରିବି ନାହିଁ। କିଟ୍ ଓ କିସ୍ ପରିଦର୍ଶନ କରିବା ତାଙ୍କ ପାଇଁ ପ୍ରକୃତରେ ସୌଭାଗ୍ୟର ବିଷୟ ବୋଲି ସେ କହିଥିଲେ। ଭଗବାନ ଜଗନ୍ନାଥଙ୍କ ପବିତ୍ର ଭୂମିକୁ ଆସି ବେଶ ଅଭିଭୂତ ବୋଲି ପ୍ରକାଶ କରିବା ସହ ଓଡ଼ିଶାର ଏକ ସମୃଦ୍ଧ ସଂସ୍କୃତି, ପରମ୍ପରା ଓ ମୂଲ୍ୟବୋଧ ରହିଛି। ଓଡ଼ିଶାବାସୀ ପ୍ରକୃତି ସହ ଏକ ଗଭୀର ସଂଯୋଗ ରହିଛି। ସ୍ୱାଗତ ଭାଷଣରେ ଶ୍ରୀ ସାମନ୍ତ କହିଲେ, ସଫଳତାର ଅର୍ଥ କେବଳ ନିଜ ପାଇଁ କିଛି ହାସଲ କରିବା ନୁହେଁ; ଅନ୍ୟମାନଙ୍କ ଜୀବନରେ ଖୁସି ଆଣିପାରିଲେ ତାହା ପ୍ରକୃତ ସଫଳତା ବୋଲି କୁହାଯାଏ।

# ଏସ୍‌ସିବିରେ ଅଗ୍ନିକାଣ୍ଡ ପରେ ଚିନ୍ତାରେ ଏମ୍‌କେସିଜି କର୍ତ୍ତୃପକ୍ଷ

**ବ୍ରହ୍ମପୁର, ୧୬।୩ (ସମିସ):** କଟକସ୍ଥିତ ଏସ୍‌ସିବି ହସ୍ପିଟାଲରେ ନିଆଁ ଲାଗି ୧୨ଜଣ ରୋଗୀଙ୍କ ମୃତ୍ୟୁ ପରେ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲର ଅଗ୍ନି ସୁରକ୍ଷା ବ୍ୟବସ୍ଥାକୁ ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅଗ୍ନି ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ଅନୁଧ୍ୟାନ ପରେ ଏମ୍‌କେସିଜି ମେଡିକାଲ କର୍ତ୍ତୃପକ୍ଷଙ୍କ ଚିନ୍ତା ବଢ଼ିଛି। ମେଡିକାଲ ପରିସରରେ ଥିବା ବାଳିକା ପିଜି ହଷ୍ଟେଲ, ଲେଡିସ୍ ହଷ୍ଟେଲ, ସିନିୟର୍ ରେସିଡେଣ୍ଟ ହଷ୍ଟେଲ, ୟୁଜି ବାଳିକା ହଷ୍ଟେଲ, ସୁପର ସ୍ପେସିଆଲିଟି କୋଠା, ପିଏମଏସ୍‌ଏସ୍‌ୱାଇ କୋଠା, ଆରଡିସି ଓ ଅଡିଟୋରିଅମ କୋଠା ସହ ୧୨ରୁ ଅଧିକ ୩ରୁ ୪ମହଲା ବିଶିଷ୍ଟ କୋଠାରେ ଅଗ୍ନି ସୁରକ୍ଷା ବ୍ୟବସ୍ଥା ନାହିଁ। ଗତ ୧ରୁ ୨ବର୍ଷ ଧରି ମେଡିକାଲର ବିଭିନ୍ନ କୋଠାରେ ଆବଶ୍ୟକ ଅଗ୍ନି ସୁରକ୍ଷା ବ୍ୟବସ୍ଥା ନଥିବା ସତ୍ତ୍ୱେ ମେଡିକାଲ କର୍ତ୍ତୃପକ୍ଷ, ପୂର୍ତ୍ତ ବିଭାଗ ଓ ସାଧାରଣ ବିଦ୍ୟୁତ ବିଭାଗ ପକ୍ଷରୁ ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇନଥିବା ଅଭିଯୋଗ ହୋଇଛି। ପରିସରରେ ଥିବା ବିଭିନ୍ନ କୋଠା ନିକଟରେ ଥିବା ଅଗ୍ନି ସୁରକ୍ଷା ସମ୍ପର୍କିତ ଯନ୍ତ୍ରାଂଶଗୁଡ଼ିକର କଳଙ୍କି ଲାଗିଥିବା ଦେଖିବାକୁ ମିଳିଛି। ଉକ୍ତ ଯନ୍ତ୍ରାଂଶଗୁଡ଼ିକର ସ୍ଥିତି ଦେଖିଲେ, ତାହା ସଠିକ୍ ସମୟରେ ଉଚିତ କାର୍ଯ୍ୟକ୍ଷମ ହେବ ନା ନାହିଁ, ତାକୁ ନେଇ ଏକ ବଡ଼ ପ୍ରଶ୍ନ ସୃଷ୍ଟି ହୋଇଛି। ଏଭଳି ସ୍ଥିତିରେ କେବଳ ଶତାଧିକ ଅଗ୍ନି ନିର୍ବାପକ ଯନ୍ତ୍ର ଉପରେ ମେଡ଼ିକାଲର ଅଗ୍ନି ସୁରକ୍ଷା ବ୍ୟବସ୍ଥା ନିର୍ଭର କରୁଛି। ସେଥିମଧ୍ୟରୁ ବହୁ ନିର୍ବାପକ ଯନ୍ତ୍ରରେ ଗ୍ୟାସ୍ ନଥିବା ବେଳେ କିଛି ଯନ୍ତ୍ରରେ ସଠିକ୍ ବୈଧତା ନଥିବା ଦେଖିବାକୁ ମିଳିଛି। ଯଦି କୌଣସି କାରଣରୁ ମେଡିକାଲରେ ଅଗ୍ନିକାଣ୍ଡ ଘଟେ, ରୋଗୀ ଓ କର୍ମଚାରୀମାଙ୍କୁ ଭଗବାନ ଭରସା।

## ଏସ୍‌ସିବି ଅଗ୍ନିକାଣ୍ଡ

# ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କଲା କଂଗ୍ରେସ

**ଭୁବନେଶ୍ୱର/କଟକ, ୧୬।୩ (ସମିସ):** ଏସ୍‌ସିବି ଅଗ୍ନିକାଣ୍ଡରେ ୧୨ ଚିକିତ୍ସାଧୀନ ରୋଗୀଙ୍କ ହୃଦୟବିଦାରକ ମୃତ୍ୟୁ ଘଟିଛି। ପ୍ରଶାସନିକ ଅବହେଳା, ପରିଚାଳନାଗତ ତ୍ରୁଟି ଏବଂ ସର୍ବୋପରି ସରକାରୀ ଉଦାସୀନତାରୁ ଏହି ଅଘଟଣ ଘଟିଛି ବୋଲି ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଏସ୍‌ସିବି ଗସ୍ତ କରିଥିବା ଉଚ୍ଚସ୍ତରୀୟ ପ୍ରତିନିଧିମଣ୍ଡଳୀ ଅଭିଯୋଗ କରିଛି। ଏହାସହ ସ୍ୱାସ୍ଥ୍ୟମନ୍ତ୍ରୀ ନିଜର ନୈତିକତା ଦୃଷ୍ଟିରୁ ଇସ୍ତଫା ଦିଅନ୍ତୁ ବୋଲି କଂଗ୍ରେସ ଦାବି କରିଛି। ଯଦି ସେ ଇସ୍ତଫା ନ ଦିଅନ୍ତି, ତେବେ ମୁଖ୍ୟମନ୍ତ୍ରୀ ତାଙ୍କୁ ବହିଷ୍କାର କରନ୍ତୁ ବୋଲି ନେତୃମଣ୍ଡଳୀ କଂଗ୍ରେସ କହିଛି।

ପ୍ରତିନିଧିମଣ୍ଡଳୀ ବଡ଼ ମେଡିକାଲରେ ପହଞ୍ଚି ନିଆଁ ଲାଗିଥିବା ସ୍ଥାନ, ଶବ ବ୍ୟବଚ୍ଛେଦ ଗୃହରେ ମୃତକଙ୍କୁ ଦେଖିବା ସହ ଉପସ୍ଥିତ ମୃତକଙ୍କ ପରିବାର ସଦସ୍ୟଙ୍କୁ ସାନ୍ତ୍ୱନା ଓ ସମବେଦନା ଜଣାଇଥିଲେ। ମୃତକଙ୍କ ପରିବାରବର୍ଗଙ୍କୁ ୧କୋଟି ଟଙ୍କାର ସହାୟତା ରାଶି ସରକାର ତୁରନ୍ତ ପ୍ରଦାନ କରିବା ସହ ପରିବାରର ଜଣଙ୍କୁ ଚାକିରି ଦେବା ପାଇଁ ବ୍ୟବସ୍ଥା କରିବାକୁ ଦାବି ଜଣାଇଛନ୍ତି। ଏଥିସହ ଏପରି ଦାୟିତ୍ୱହୀନତାରେ ସଂପୃକ୍ତ ଅଧିକାରୀମାନଙ୍କ ଉପରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଜିଲ୍ଲା କଂଗ୍ରେସ କମିଟି ସଭାପତି ପ୍ରଦୀପ୍ତ କୁମାର ଦାସଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରତିନିଧି ମଣ୍ଡଳୀର ଅଧକ୍ଷ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ପୂର୍ବତନ ସାଂସଦ ଅନନ୍ତ ପ୍ରସାଦ ସେଠୀ, ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନଗୋ, ନଗେନ୍ଦ୍ର କୁମାର ପ୍ରଧାନ, ପୂର୍ବତନ ବିଧାୟକ ରବିନ୍ଦ୍ର କୁମାର ମଲ୍ଲିକ, ବରିଷ୍ଠ କଂଗ୍ରେସ ନେତା ସୁରେଶ ମହାପାତ୍ର ପ୍ରମୁଖ ଗସ୍ତ କରିଥିଲେ।

### ଏସ୍‌ୟୁସିଆଇର ବିକ୍ଷୋଭ



ସେହିପରି ଏହି ହୃଦୟବିଦାରକ ଘଟଣାରେ ଏସୟୁସିଆଇ (କମ୍ୟୁନିଷ୍ଟ) ଗଭୀର ଉଦ୍‌ବେଗ ପ୍ରକାଶ କରିବା ସହ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଡାକ୍ତରଖାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛି। ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ତୁରନ୍ତ ଇସ୍ତଫା, ପ୍ରତି ମୃତକଙ୍କ ପରିବାରକୁ ଅତି କମ୍‌ରେ ୧ କୋଟି ଓ ଗୁରୁତର ଆହତଙ୍କୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ, ବଡ଼ ମେଡିକାଲରେ ଉପଯୁକ୍ତ ଚିକିତ୍ସା ପାଇଁ ଆବଶ୍ୟକ ସଂଖ୍ୟକ ସ୍ଥାୟୀ ଡାକ୍ତର, ନର୍ସ ଓ ଅନ୍ୟାନ୍ୟ କର୍ମଚାରୀ ନିଯୁକ୍ତ, ଆଉଟସୋର୍ସିଂ ବ୍ୟବସ୍ଥା ସମ୍ପୂର୍ଣ୍ଣ ବାତିଲ ପାଇଁ ଦାବି କରାଯାଇଛି। ଜିଲ୍ଲା ସମ୍ପାଦକ ବିଶ୍ୱାବସୁ ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବିକ୍ଷୋଭରେ ଖଗେଶ୍ୱର ସେଠୀ, ବବି ବଳବନ୍ତରାୟ , ସିଦ୍ଧାର୍ଥ ରଥ, ବସନ୍ତ ନାୟକ, ଭଗ୍ୟରାବି ଦାସ, ଦିପକ ଦାସ, ବିନୋଦ ସେଠୀ, ତରୁଣସେନ୍ ନାୟକ, ଇଶା ଧର, ସ୍ୱାଧିନୀ ବେହେରା, ଶିବାନୀ ସାହୁ, ଅକ୍ଷୟ ରାଉଳ ଶୁଭସ୍ମିତା ସାହୁ, ଅମରେନ୍ଦ୍ର ନାୟକ, ପ୍ରତାପ ମିଶ୍ର, ଜ୍ୟୋସ୍ନା ଦାସ, ସିପ୍ରା ମହାନ୍ତି ସୁଜାତା ମହାପାତ୍ର ପ୍ରମୁଖ ସାମିଲ ଥିଲେ।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୯୨.୪୭
- ପାଉଣ୍ଡ ୧୨୨.୬୩
- ୟୁରୋ ୧୦୫.୮୮
- ୟେନ୍ ୦.୫୮

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)

- ସୁନା: ୧,୪୬,୩୪୦ (ନୂଆଦିଲ୍ଲୀ)
- ରୁପା : ୨,୭୪,୯୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୭୫,୫୦୨.୦୦
- ନିଫ୍ଟି ୨୩,୪୦୮.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ଆମେରିକା ସହ ବାଣିଜ୍ୟ ଚୁକ୍ତି ବାତିଲ କଲା ମାଲେସିଆ

ନୂଆଦିଲ୍ଲୀ,୧୬।୩(ଏଜେନ୍ସି)



ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମେ ମାଲେସିଆ ଆମେରିକା ସହିତ କରିଥିବା ବାଣିଜ୍ୟ ଚୁକ୍ତିରୁ ଏବେ ଓହରି ଯାଇଛି । ଆମେରିକା ସୁପ୍ରିମକୋର୍ଟଙ୍କ ରାୟ ପରେ ମାଲେସିଆ ସରକାର ଆମେରିକା ସହ ବାଣିଜ୍ୟ ଚୁକ୍ତିକୁ 'ଅବୈଧ' ଘୋଷଣା କରି ତାହାକୁ ବାତିଲ୍ କରିଛନ୍ତି । ସୁପ୍ରିମକୋର୍ଟ ଟ୍ରମ୍ପଙ୍କ ଶୁଳ୍କକୁ 'ଅବୈଧ' ବୋଲି ଦର୍ଶାଇଥିଲେ । ଏହି ରାୟ ପରେ ମାଲେସିଆ ଉପରୋକ୍ତ ପଦକ୍ଷେପ ଗ୍ରହଣ କରିଛି । ଏଭଳି ଆଶ୍ଚର୍ଯ୍ୟଜନକ ପଦକ୍ଷେପ ଗ୍ରହଣ କରି ମାଲେସିଆ ଭାରତ ସମେତ ବିଶ୍ୱର ଅନେକ ଦେଶକୁ ପଥ ଦେଖାଇଛି । ମାଲେସିଆ କହିଛି ଯେ, ଆମେରିକାର ସୁପ୍ରିମକୋର୍ଟଙ୍କ ରାୟକୁ ନଜର ଦେଲେ ଟ୍ରମ୍ପ ପ୍ରଶାସନ ସହ ଏହାର ବାଣିଜ୍ୟ ଚୁକ୍ତି ଆଉ ବୈଧ ନୁହେଁ । ସୁପ୍ରିମକୋର୍ଟ ଟ୍ରମ୍ପଙ୍କ ପାରସ୍ପରିକ ଶୁଳ୍କକୁ ବାତିଲ କରିଦେଇଥିଲେ । ବାଣିଜ୍ୟ ଚୁକ୍ତିର ସମାପ୍ତି ଘୋଷଣା କରି ମାଲେସିଆ ଭାରତ, ଚୀନ୍ ଏବଂ ଜାପାନ ସମେତ ଅନେକ ଅନ୍ୟ ରାଷ୍ଟ୍ର ପାଇଁ ଏକ ଉଦାହରଣ ସୃଷ୍ଟି କରିଛି, ଯେଉଁମାନେ ସୁପ୍ରିମକୋର୍ଟଙ୍କ ରାୟ ପୂର୍ବରୁ ଆମେରିକା ସହିତ ଚୁକ୍ତି କରିଥିଲେ । ମାଲେସିଆର ନିବେଶ, ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରୀ ଜୋହରି ଘାନି ରବିବାର କହିଛନ୍ତି ଯେ ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି ପରେ ମାଲେସିଆ ଏବଂ ଆମେରିକା ମଧ୍ୟରେ ପାରସ୍ପରିକ ବାଣିଜ୍ୟ ଚୁକ୍ତିନାମା (ଏଆର୍‌ଟି) ରଦ୍ଦ ହୋଇଯାଇଛି, ଯାହା ଆମେରିକାକୁ ଶୁଳ୍କ ଲାଗୁ କରିବା ପାଇଁ ଠୋସ୍ ଯଥାର୍ଥତା ପ୍ରଦାନ କରିବାକୁ ବାଧ୍ୟ କରିଥିଲା ।

- ଭାରତ ଏବଂ ଚୀନ୍‌କୁ ଦେଖାଇଲା ରାସ୍ତା
- ଚୁକ୍ତିରୁ ଓହରିବେ ଆହୁରି ଅନେକ ଦେଶ

ମାଲେସିଆ ଏବଂ ଆମେରିକା ଅକ୍ଟୋବର ୨୬ରେ ଏଆର୍‌ଟିରେ ସ୍ୱାକ୍ଷର କରିଥିଲେ । ଏହି ଚୁକ୍ତିନାମାର ସର୍ତ୍ତାବଳୀ ଅନୁଯାୟୀ, ଶୁଳ୍କ ୪୭% ର ପ୍ରାରମ୍ଭିକ ହାରରୁ ୨୪% କୁ ହ୍ରାସ କରିବାକୁ ସ୍ଥିର କରାଯାଇଥିଲା ଏବଂ ପରବର୍ତ୍ତୀ ସମୟରେ ୧୯% କୁ ହ୍ରାସ କରାଯାଇଥିଲା । ଏହା ସହିତ, କିଛି ଉତ୍ପାଦ ଉପରେ ଶୂନ୍ୟ-ଶୁଳ୍କ ସ୍ଥିତି ଲାଗୁ କରାଯିବାର ଥିଲା । ବିନିମୟରେ ମାଲେସିଆ ଆମେରିକାକୁ ଏହାର ଘରୋଇ ବଜାରରେ ଅଧିକ ପ୍ରବେଶ ପ୍ରଦାନ କରିବାକୁ ଏବଂ କିଛି ନୀତିଗତ ରିଆତି ପ୍ରଦାନ କରିବାକୁ ରାଜି ହୋଇଥିଲା । ପରବର୍ତ୍ତୀ ସମୟରେ ଫେବୃଆରୀ ୨୦ରେ ଆମେରିକାର ସୁପ୍ରିମକୋର୍ଟ ଏହି ପାରସ୍ପରିକ ଶୁଳ୍କକୁ ପ୍ରତ୍ୟାହାର କରିଦେଲେ । ଏହି ରାୟ ପରେ ଟ୍ରମ୍ପ ୧୫୦ ଦିନ ପାଇଁ ସମସ୍ତ ରାଷ୍ଟ୍ର ଉପରେ ୧୦% ଶୁଳ୍କ ଲାଗୁ କରିଥିଲେ, ଘୋଷଣା କରିଥିଲେ ଯେ ଏହି ହାର ଶୀଘ୍ର ୧୫% କୁ ବୃଦ୍ଧି କରାଯିବ । ଆମେରିକା ମଧ୍ୟ ଏକ ଚେତାବନୀ ଜାରି କରିଛି ଯେ ସୁପ୍ରିମକୋର୍ଟଙ୍କ ରାୟ ପରେ ଦେଶଗୁଡିକ ସ୍ୱାକ୍ଷରିତ ବାଣିଜ୍ୟ ଚୁକ୍ତିନାମାରୁ ଓହରିଯିବା ଉଚିତ୍ ନୁହେଁ; ନଚେତ୍ ସେମାନେ ଗମ୍ଭୀର ପରିଣାମର ସମ୍ମୁଖୀନ ହୋଇପାରନ୍ତି ।

ଗ୍ଲୋବାଲ୍ ଟ୍ରେଡ୍ ରିସର୍ଚ୍ଚ ଇନିସିଏଟିଭ୍ (ଜିଟିଆର୍‌ଆଇ) ର ଏକ ରିପୋର୍ଟ ଦୁଇଟି କାରଣକୁ ଅନେକ ଦେଶକୁ ପାରସ୍ପରିକ ଶୁଳ୍କ ନୀତି ଅଧୀନରେ ଆମେରିକା ସହିତ ହୋଇଥିବା ବାଣିଜ୍ୟ ଚୁକ୍ତିନାମାରୁ ଓହରିଯିବାକୁ ପ୍ରେରଣା ଦେଇପାରେ । ରିପୋର୍ଟରେ କୁହାଯାଇଛି, ପ୍ରଥମ କାରଣ ହେଉଛି ଆମେରିକା ସୁପ୍ରିମକୋର୍ଟଙ୍କ ରାୟ ପରେ ଏହି ଚୁକ୍ତିନାମାଗୁଡ଼ିକର ଆର୍ଥିକ ଗୁରୁତ୍ୱ ପ୍ରଭାବଶାଳୀ ଭାବରେ ଅଦୃଶ୍ୟ ହୋଇଯାଇଛି । ଦ୍ୱିତୀୟ କାରଣ ହେଉଛି ଚୁକ୍ତିନାମା ସ୍ୱାକ୍ଷରିତ ହେବା ପରେ ମଧ୍ୟ ଆମେରିକା ପକ୍ଷରୁ ବାଣିଜ୍ୟ-ସମ୍ବନ୍ଧୀୟ ଚାପ ଜାରି ରହିଛି । ଆମେରିକା ଅନେକ ଦେଶ ବିରୁଦ୍ଧରେ ନୂତନ ତଦନ୍ତ ଆରମ୍ଭ କରିଛି । ଏହା ସଙ୍କେତ ଦିଏ ଯେ ପୂର୍ବରୁ ବାଣିଜ୍ୟ ବ୍ୟବସ୍ଥା ବିଷୟରେ ଆଲୋଚନା କରିଥିବା ରାଷ୍ଟ୍ରଗୁଡ଼ିକ ମଧ୍ୟ ଏହି ନୂତନ ଆମେରିକା ତଦନ୍ତ ଏବଂ ସମ୍ଭାବ୍ୟ ଶୁଳ୍କ ପରିସର ମଧ୍ୟକୁ ଆସିପାରନ୍ତି ।

# ଘୁଞ୍ଚିଲା ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି




**ନୂଆଦିଲ୍ଲୀ,୧୬।୩(ଏଜେନ୍ସି):** ଭାରତ ଏବଂ ଆମେରିକା ମଧ୍ୟରେ ମଧ୍ୟବର୍ତ୍ତୀକାଳୀନ ବାଣିଜ୍ୟ ଚୁକ୍ତିକୁ ବର୍ତ୍ତମାନ ପାଇଁ ସ୍ଥଗିତ ରଖାଯାଇଛି । ସରକାରୀ ସୂତ୍ର ଅନୁଯାୟୀ, ଆମେରିକା ଏହାର ନୂତନ ବିଶ୍ୱ ଶୁଳ୍କ ଢାଞ୍ଚା ଗଠନ ଚୂଡ଼ାନ୍ତ କରିବା ପରେ ହିଁ ଏହି ଚୁକ୍ତି ସ୍ୱାକ୍ଷରିତ ହେବ । ଏହା ଆମେରିକା ସୁପ୍ରିମକୋର୍ଟଙ୍କ ଏକ ସାମ୍ପ୍ରତିକ ରାୟ ପରେ ହେବାକୁ ଯାଉଛି, ଯାହା ପୂର୍ବରୁ ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ବ୍ୟବହୃତ କ୍ଷମତାକୁ ହ୍ରାସ କରିଥିଲା । ଏଥିରେ ବିଶେଷକରି, ଅନ୍ତର୍ଜାତୀୟ ଜରୁରୀକାଳୀନ ଆର୍ଥିକ ଶକ୍ତି ଆଇନ (ଆଇଇପିଏ) ବ୍ୟବହାର କରି ଭାରୀ ଶୁଳ୍କ ଲାଗୁ କରିବା ନେଇ ଟ୍ରମ୍ପଙ୍କ କ୍ଷମତାର ବ୍ୟବହାର କରିଥିଲେ ।

**ନୂତନ ଶୁଳ୍କ ଢାଞ୍ଚା ଗଠନକୁ ଅପେକ୍ଷା**

ଭାରତ ଏବଂ ଆମେରିକା ମଧ୍ୟରେ ଏହି ବାଣିଜ୍ୟ ଚୁକ୍ତି ମୂଳତଃ ମାର୍ଚ୍ଚ ମାସରେ ସ୍ୱାକ୍ଷରିତ ହେବାର ଯୋଜନା ଥିଲା । ତଥାପି, ଆମେରିକା ସୁପ୍ରିମକୋର୍ଟଙ୍କ ରାୟ ପୂର୍ବ ପାରସ୍ପରିକ ଶୁଳ୍କକୁ ଅବୈଧ କରିଛି । ଫଳସ୍ୱରୂପ, ଟ୍ରମ୍ପ ପ୍ରଶାସନ ଏବେ ବିଶ୍ୱ ବାଣିଜ୍ୟ ପାଇଁ ଏକ ନୂତନ ଢାଞ୍ଚା ପ୍ରସ୍ତୁତ କରିବାକୁ ବାଧ୍ୟ ହୋଇଛି । ଏହି ନୂତନ ଶୁଳ୍କ ଢ଼ାଞ୍ଚା ପ୍ରଚଳନ ହେବା ପର୍ଯ୍ୟନ୍ତ ଆମେରିକା ୧୦୭୪ ମସିହାର ବାଣିଜ୍ୟ ଆଇନର ଧାରା ୧୨୨ ଅନୁଯାୟୀ ସମସ୍ତ ରାଷ୍ଟ୍ର ଉପରେ ଅସ୍ଥାୟୀ ଭାବରେ ୧୦% ଶୁଳ୍କ ଲାଗୁ କରିଛି । ଏହି ମଧ୍ୟବର୍ତ୍ତୀକାଳୀନ ବ୍ୟବସ୍ଥା ଆଗାମୀ ୫ ମାସ ପାଇଁ କାର୍ଯ୍ୟକାରୀ ହେବ ବୋଲି ଆଶା କରାଯାଉଛି । ଜଣେ ବରିଷ୍ଠ ସରକାରୀ ଅଧିକାରୀ କହିଛନ୍ତି, ଆମେ ବର୍ତ୍ତମାନ ଚୁକ୍ତିର ଜଟିଳତା ଉପରେ କାର୍ଯ୍ୟ କରୁଛୁ । ତଥାପି, ସେମାନଙ୍କର ନୂତନ ଶୁଳ୍କ ଢାଞ୍ଚା ସମ୍ପୂର୍ଣ୍ଣ ଭାବରେ ପ୍ରତିଷ୍ଠିତ ହେବା ପରେ ଏହା ସ୍ୱାକ୍ଷରିତ ହେବ । ଯେ କୌଣସି ରାଷ୍ଟ୍ର କେବଳ ସେତେବେଳେ ଏକ ଚୁକ୍ତିରେ ପ୍ରବେଶ କରେ, ଯେତେବେଳେ ଏହା ତାର ବିଶ୍ୱସ୍ତରୀୟ ପ୍ରତିଯୋଗୀମାନଙ୍କ ତୁଳନାରେ ଏକ ବଜାର ଲାଭ ପାଇବାକୁ ଛିଡା ହୁଏ । ଭାରତ ପୂର୍ବରୁ କିଛି ନିର୍ଦ୍ଦିଷ୍ଟ ଉତ୍ପାଦ ପାଇଁ ୧୮% ର ପାରସ୍ପରିକ ଶୁଳ୍କ ହାର ସ୍ଥିର କରିଥିଲା । ଅଧିକାରୀ ଜଣକ କହିଛନ୍ତି ଯେ ଯଦି ଆମେରିକାର ନୂତନ ଶୁଳ୍କ ଢାଞ୍ଚା ପୂର୍ବର ଢ଼ାଞ୍ଚାର ପ୍ରତିଫଳନ କରେ, ତେବେ ବିଦ୍ୟମାନ ହାର ଅପରିବର୍ତ୍ତିତ ରହିବ । ଅନ୍ୟଥା, ଏହି ହାରରେ ସଂଶୋଧନ ସମ୍ଭବ । ଅପରପକ୍ଷେ ମାଲେସିଆ ସମ୍ପ୍ରତି ଆମେରିକା ସହିତ ଏହାର ବାଣିଜ୍ୟ ଚୁକ୍ତିରୁ ଓହରିଯାଇଛି । ଏହି ପ୍ରସଙ୍ଗରେ ଭାରତର ମତ ସ୍ପଷ୍ଟ କରି, ଅଧିକାରୀ ଜଣକ ଜୋର ଦେଇ କହିଛନ୍ତି ଯେ ଭାରତର ପରିସ୍ଥିତି ମାଲେସିଆଠାରୁ ଭିନ୍ନ ।

# 'ସ୍ୱଦେଶ'ର ଅଳଙ୍କାର ପିନ୍ଧି ଓସ୍କାର ରେଡ୍ କାର୍ପେଟ୍‌ରେ ଝଲସିଲେ କଳାକାର



**ଭୁବନେଶ୍ୱର,୧୬।୩(ସମିସ):** ଚଳିତଥର ଓସ୍କାର ରେଡ୍ କାର୍ପେଟରେ ଭାରତୀୟ କାରିଗରୀର ଏକ ବିଶେଷ ଝଲକ ପ୍ରଦର୍ଶିତ ହୋଇଛି । ଏଥିରେ ଅନ୍ତର୍ଜାତୀୟ କଳାକାରମାନେ ଭାରତୀୟ ବ୍ରାଣ୍ଡର ଅଳଙ୍କାର ପିନ୍ଧି ଦୃଷ୍ଟି ଆକର୍ଷଣ କରିଥିଲେ । ପ୍ରସିଦ୍ଧ ଆମେରିକୀୟ ଗାୟିକା-ଗୀତକାର ବ୍ରାଣ୍ଡି କାର୍ଲାଇଲ୍ ଏବଂ ବ୍ରିଟିଶ ଅଭିନେତ୍ରୀ କ୍ୟାଥରିନ ସେଫର୍ଡ ଭାରତୀୟ ବ୍ରାଣ୍ଡ ସ୍ୱଦେଶ ତିଆରି ଅଳଙ୍କାର ପିନ୍ଧିଥିଲେ । ଏହି ଅଳଙ୍କାର ପିସ୍‌ଗୁଡ଼ିକ କେବଳ ରେଡ୍ କାର୍ପେଟ୍‌ର ଚମକ ବଢ଼ାଇ ନ ଥିଲା ବରଂ ବିଶ୍ୱ ସ୍ତରରେ ଭାରତୀୟ କାରିଗରଙ୍କ ପ୍ରତିଭାକୁ ମଧ୍ୟ ପରିଚିତି ଆଣିଥିଲେ । ବ୍ରାଣ୍ଡି କାର୍ଲାଇଲ୍ ଅସ୍କାର ରେଡ୍ କାର୍ପେଟରେ 'ପେଟାଲ୍ ପ୍ରିଜମ୍ ବ୍ରୁଚ୍' ନାମକ ଏକ ଅନନ୍ୟ ଅଳଙ୍କାର ପିସ୍ ପିନ୍ଧିଥିଲେ । ଏହି ଡିଜାଇନ୍ ସୂର୍ଯ୍ୟମୁଖୀ ଫୁଲର ପ୍ରାକୃତିକ ଗଠନ ଦ୍ୱାରା ଅନୁପ୍ରାଣିତ ବୋଲି କୁହାଯାଏ । ତେଲେଙ୍ଗାନାର ଦକ୍ଷ କାରିଗରଙ୍କୁ ଏହି ଅନନ୍ୟ ଡିଜାଇନ୍ ତିଆରି ପାଇଁ ୧୦୦ଘଣ୍ଟାରୁ ଅଧିକ ସମୟ ଲାଗିଛି । ଏହି ପାରମ୍ପରିକ କଳା ଏହି ବ୍ରୋଚରେ ସ୍ପଷ୍ଟ ଭାବରେ ସ୍ପଷ୍ଟ ଭାବରେ ସ୍ପଷ୍ଟ ହୋଇଛି, ଯାହା ହଲିଉଡ୍ ମଞ୍ଚରେ ଭାରତୀୟ ପ୍ରତିଭାକୁ ପ୍ରଦର୍ଶନ କରିଥିଲା । ଅଭିନେତ୍ରୀ କ୍ୟାଥରିନ ସେଫର୍ଡ ଏକ ଅନନ୍ୟ ହୀରା ହାର ପିନ୍ଧିଥିଲେ ଏହାର ଡିଜାଇନ୍ ଅନନ୍ୟ ଏବଂ ସ୍ୱତନ୍ତ୍ର । ସ୍ୱଦେଶ ବ୍ରାଣ୍ଡର ଏହି ଅଳଙ୍କାରକୁ ଭାରତୀୟ କାରିଗରୀଙ୍କୁ ସମ୍ମାନ ଦେବାର ଏକ ପ୍ରୟାସ ବୋଲି ବିବେଚନା କରାଯାଏ । ଏହି ପିସ୍‌ଗୁଡ଼ିକ ବାର୍ତ୍ତା ଦେଉଛି ଯେ ଭାରତୀୟ କାରିଗରମାନଙ୍କ ପାଖରେ ବିଶ୍ୱର ଯେକୌଣସି ମଞ୍ଚରେ ଚମକ ଦେବା ପାଇଁ କଳା ଏବଂ ଦକ୍ଷତା ଅଛି ।

# ଖଣି ସୁରକ୍ଷା ପକ୍ଷରେ ଜିନ୍ଦଲ ଷ୍ଟିଲ୍ ପୁରସ୍କୃତ



**ଭୁବନେଶ୍ୱର,୧୬।୩ (ସମିସ):** ଖଣି ନିରାପତ୍ତା ମହାନିର୍ଦ୍ଦେଶାଳୟ(ଡିଜିଏମଏସ)ଙ୍କ ନେତୃତ୍ୱରେ ଇଷ୍ଟର୍ଣ୍ଣ ଜୋନ୍ ଅଫ୍ ମାଇନିଂ ଆସୋସିଏସନ ପକ୍ଷରୁ ଆୟୋଜିତ ୪୩ତମ ବାର୍ଷିକ ଖଣି ସୁରକ୍ଷା ପକ୍ଷ ସମାରୋହରେ ଜିନ୍ଦଲ ଷ୍ଟିଲକୁ ବିଭିନ୍ନ ବର୍ଗରେ ମୋଟ୧୬ଟି ପୁରସ୍କାର ମିଳିଛି ।କାଶିଆ ଆଇରନ ଏଣ୍ଡ ଡୋଲୋମାଇଟ ମାଇନ୍ସ, ଟେନସା ମାଇନ୍ସ ଓ ରୋଇଡା-୧ ମାଇନ୍ସକୁ ବିଭିନ୍ନ ବର୍ଗରେ ଏହି ପୁରସ୍କାର ମିଳିଛି । ଜିନ୍ଦଲ ଷ୍ଟିଲ-ବିକେଟିଆର କ୍ଲଷ୍ଟର ମୁଖ୍ୟ ଶ୍ରୀ ପ୍ରମୋଦ କୁମାର ପାତ୍ରଙ୍କ ନେତୃତ୍ୱରେ ଜିନ୍ଦଲ ଷ୍ଟିଲର ଟିମ୍ ଡିଜିଏମଏସର ମହାନିର୍ଦ୍ଦେଶକ ଉଜ୍ଜ୍ୱଳ ତାହଙ୍କ ଉପସ୍ଥିତିରେ ପୁରସ୍କାର ଗ୍ରହଣ କରିଥିଲେ । କାଶିଆ ମାଇନ୍ସକୁ ସାମଗ୍ରିକ କାର୍ଯ୍ୟଦକ୍ଷତା ବର୍ଗ( ଓପନକାଷ୍ଟ ମାଇନ୍ସ) ବର୍ଗରେ ପ୍ରଥମ, ମେକାନିକାଲ ମେଣ୍ଟେନାନ୍ସରେ ପ୍ରଥମ, ଟ୍ରେନିଂ, ହେଲଥ ଓ ଓ୍ୱେଲଫେୟାର ବର୍ଗରେ ପ୍ରଥମ, ଲିଡ୍ ଇଣ୍ଡିକେଟର୍ସ, ଇମର୍ଜେନ୍ସି ପ୍ରିପାର୍ଡନେସ, ମକଡ୍ରିଲ ଏଣ୍ଡ ଏକ୍ସିଡେଣ୍ଟ ଷ୍ଟାଟିଷ୍ଟିକ୍ସ ବର୍ଗରେ ପ୍ରଥମ, ପବ୍ଲିସିଟି ଏଣ୍ଡ ପ୍ରୋପାଗେଣ୍ଡା ବର୍ଗରେ ଦ୍ୱିତୀୟ, ଇଲେକ୍ଟ୍ରିକାଲ ମେଣ୍ଟେନାନ୍ସ ବର୍ଗରେ ଦ୍ୱିତୀୟ, ଅକ୍ୟୁପେସନାଲ ହେଲଥ ସେଣ୍ଟର ଫ୍ୟାସିଲିଟି ବର୍ଗରେ ତୃତୀୟ ପୁରସ୍କାର ମିଳିଛି ।

# କେନ୍‌ଷ୍ଟାରର ପ୍ରଥମ ୫-ଷ୍ଟାର ବିଇଇ ରେଟେଡ୍ ଏୟାର୍‌କୁଲର

**ନୂଆଦିଲ୍ଲୀ,୧୬।୩ :** କେନଷ୍ଟାର ଭାରତର ଏକ ସବୁଠାରୁ ଅଧିକ ବିଶ୍ୱସନୀୟ ଗୃହୋପକରଣ ବ୍ରାଣ୍ଡ ସହିତ ତିନି ଦଶନ୍ଧିରଐତିହ୍ୟକୁ ନେଇ ନୂତନ ଶିଳ୍ପର ଶକ୍ତିସଂରକ୍ଷଣ ଏବଂ ଭବିଷ୍ୟତ ପ୍ରସ୍ତୁତ ଶୀତଳୀକରଣ ସହିତ ଭାରତର ପ୍ରଥମ ୫-ଷ୍ଟାର ବିଇଇରେଟେଡ଼ ଏୟାରକୁଲର ସହିତ ୫ ବର୍ଷର ସୁନିଶ୍ଚିତକାରୀ ୱାରେଣ୍ଟି ସହିତ ଆସିଛି । ଏହି ଅଭିନବ ପ୍ରୟାସମାଧ୍ୟମରେ କେନଷ୍ଟାର ପ୍ରଥମ ବ୍ରାଣ୍ଡଭାବରେ ପ୍ରମାଣିତ ଶକ୍ତି ଦକ୍ଷତା ସହିତ ଦୀର୍ଘକାଳୀନ ଗ୍ୟାରେଣ୍ଟି ପ୍ରଦାନ କରି ଭାରତୀୟ ଗ୍ରାହକମାନଙ୍କୁ ବିଜୁଳି ବିଲ୍ ସଂଚୟ ଏବଂ ଉନ୍ନତ କାର୍ଯ୍ୟ ଦକ୍ଷତାର ଅନୁମତି ଦେଉଛି । ଏହି ଶୁଭାରମ୍ଭର ଅଂଶସ୍ୱରୂପ, କେନଷ୍ଟାର ଅଭିନେତା ରାଜକୁମାର ରାଓ ଏବଂ ଅଭିନେତ୍ରୀ ପତ୍ରଲେଖାଙ୍କ ନେତୃତ୍ୱରେ ଏକ ପ୍ରଭାବଶାଳୀ ଅଭିଯାନ ଆରମ୍ଭ କରୁଛି ।ଏହି ଅଭିଯାନ ଭାରତର ପ୍ରଥମ ୫-ଷ୍ଟାର ଶକ୍ତି ସଞ୍ଚୟ ଏବଂ ୫ ବର୍ଷର ୱାରେଣ୍ଟିର ବାର୍ତ୍ତାକୁ ଲୋକଙ୍କ ପାଖରେ ପହଞ୍ଚାଇବ ।

# ୧୧ ମାସର ରେକର୍ଡ ଭାଙ୍ଗିଲା ପାଇକାରୀ ମୁଦ୍ରାସ୍ଫୀତି

**ନୂଆଦିଲ୍ଲୀ,୧୬।୩(ଏଜେନ୍ସି):** ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଯୋଗୁ ଭାରତ ବଡ଼ ସମସ୍ୟାର ସମ୍ମୁଖୀନ ହେଉଛି । ଦେଶରେ ଶକ୍ତି ସଙ୍କଟ ସୃଷ୍ଟି ହୋଇଥିବାବେଳେ ହୋଟେଲ ଶିଳ୍ପ ପ୍ରଭାବିତ ହୋଇଛି । ଦରଦାମ ବୃଦ୍ଧିକୁ ନେଇ ଖାଉଟି ଏବେ ଚିନ୍ତାରେ । ଯୁଦ୍ଧ ଯୋଗୁ ଦେଶରେ ଉତ୍ପାଦିତ ସାମଗ୍ରୀ ଉପରେ ଦର ବୃଦ୍ଧିର ଚାପ ବଢ଼ିଯାଇଛି । ଫଳରେ ଫେବୃଆରୀ ମାସରେ ପାଇକାରୀ ମୁଦ୍ରାସ୍ଫୀତି ବିଗତ ୧୧ ମାସରସର୍ବୋଚ୍ଚ ସ୍ତରରେ ପହଞ୍ଚିଛି । ଏ ନେଇ ସୋମବାର କେନ୍ଦ୍ର ସରକାର ରିପୋର୍ଟ ଜାରି କରି ସୂଚନା ଦେଇଛନ୍ତି । ପାଇକାରୀ ମୂଲ୍ୟସୂଚୀ ଭିତ୍ତିକ ମୁଦ୍ରାସ୍ଫୀତି (ଡବ୍ଲ୍ୟୁପିଆଇ) ଆଧାରିତ ମୁଦ୍ରାସ୍ଫୀତି ଫେବୃଆରୀରେ ୨.୧୩%କୁ ବୃଦ୍ଧି ପାଇଛି । ଯାହା ଜାନୁଆରୀରେ ୧.୮୧% ଏବଂ ଡିସେମ୍ବରରେ ୦.୯୬% ଥିଲା ।

# ସୁପ୍ରିମକୋର୍ଟଙ୍କୁ ଟ୍ରମ୍ପଙ୍କ ଚେତାବନୀ

**ୱାଶିଂଟନ୍, ୧୬।୩(ଏଜେନ୍ସି):** ଆମେରିକୀୟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଥରେ ସୁପ୍ରିମକୋର୍ଟକୁ ସମାଲୋଚନା କରିଛନ୍ତି । ପୂର୍ବରୁ, ଯେତେବେଳେ ଆମେରିକାର ସୁପ୍ରିମକୋର୍ଟ ଟ୍ରମ୍ପ ପ୍ରଶାସନ ଦ୍ୱାରା ଲାଗୁ କରାଯାଇଥିବା ଶୁଳ୍କକୁ ବେଆଇନ ଘୋଷଣା କରିଥିଲେ, ସେତେବେଳେ ଡୋନାଲ୍ଡ ଟ୍ରମ୍ପ କୋର୍ଟର ନିରପେକ୍ଷତା ଉପରେ ପ୍ରଶ୍ନ ଉଠାଇଥିଲେ । ସେ ଆହୁରି ଦୃଢ଼ ଭାବରେ କହିଥିଲେ ଯେ ସୁପ୍ରିମକୋର୍ଟ ଏକ ଲଜ୍ଜାଜନକ ରାୟ ଦେଇଛନ୍ତି । ଟ୍ରମ୍ପ ଏହା ମଧ୍ୟ କହିଛନ୍ତି ଯେ ସୁପ୍ରିମକୋର୍ଟଙ୍କ ରାୟ ଦେଶକୁ କ୍ଷତି ପହଞ୍ଚାଉଛି, ସେ ଯୁକ୍ତି ଦର୍ଶାଇଛନ୍ତି ଯେ କୋର୍ଟ ଯେଉଁ ମୌଳିକ ଉଦ୍ଦେଶ୍ୟ ପାଇଁ ପ୍ରତିଷ୍ଠିତ ହୋଇଥିଲା ତାହା ପୂରଣ ହେଉନାହିଁ । ତାଙ୍କର ସୋସିଆଲ ମିଡିଆ ପ୍ଲାଟଫର୍ମ, ଟ୍ରୁଥ୍ ସୋସିଆଲ ମାଧ୍ୟମରେ ସେୟାର କରାଯାଇଥିବା ଏକ ପୋଷ୍ଟରେ, ଆମେରିକା ରାଷ୍ଟ୍ରପତି କହିଛନ୍ତି, ମୁଁ ଦେଶଗୁଡିକ ଉପରେ ଶୁଳ୍କ ଲାଗୁ କରିବା ଆରମ୍ଭ କରିଛି ଏବଂ ଏହା କରିବାର ମୋର ପୂର୍ଣ୍ଣ ଅଧିକାର ଅଛି । ଆମେରିକାର ସୁପ୍ରିମକୋର୍ଟ ଏବଂ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟରେ ବିବାଦ ଦୀର୍ଘ ଦିନ ଧରି ଜାରି ରହିଛି । ତାଙ୍କର ସୋସିଆଲ ମିଡିଆ ପ୍ଲାଟଫର୍ମ ମାଧ୍ୟମରେ ଟ୍ରମ୍ପ ଅନେକ ଅପଡେଟ୍ ପୋଷ୍ଟ କରିଛନ୍ତି ଯେଉଁଥିରେ ସେ ସ୍ପଷ୍ଟ ଭାବରେ କହିଛନ୍ତି ଯେ ସେ କୋର୍ଟଙ୍କ ନିର୍ଦ୍ଦେଶ ପାଳନ କରିବାକୁ ଇଚ୍ଛୁକ ନୁହଁନ୍ତି । ଏକ ସାମ୍ପ୍ରତିକ ପୋଷ୍ଟରେ, ସେ ଲେଖିଛନ୍ତି ମୋ ପାଖରେ ବିକଳ୍ପ ଉପାୟରେ ଶୁଳ୍କ ଲାଗୁ କରିବାର ଅଧିକାର ଅଛି । ଏହା ସେଭଳି ଏକ ପ୍ରକ୍ରିୟା ଯାହା ସେ ପୂର୍ବରୁ ଆରମ୍ଭ କରିସାରିଛନ୍ତି ।

**'ଶୁଳ୍କ ଲାଗୁ କରିବାର ପୂର୍ଣ୍ଣ ଅଧିକାର ଅଛି'**

ଡୋନାଲ୍ଡ ଟ୍ରମ୍ପ କେବଳ ସୁପ୍ରିମକୋର୍ଟରେ ନୁହେଁ, ବରଂ ଅନେକ ଥର ଫେଡେରାଲ ରିଜର୍ଭ ବ୍ୟାଙ୍କରେ ଥିବା ଅଧିକାରୀମାନଙ୍କ ଉପରେ ତାଙ୍କର ସମାଲୋଚନା କରିଛନ୍ତି । ଅପରପକ୍ଷେ ଆମେରିକୀୟ ଫେଡେରାଲ ରିଜର୍ଭ ମାର୍ଚ୍ଚ ୧୮ ରେ ସୁଧ ହାର ସମ୍ପର୍କରେ ନିଷ୍ପତ୍ତି ନେବାର କାର୍ଯ୍ୟକ୍ରମ ଅଛି । ଏହି ଘୋଷଣା ପୂର୍ବରୁ, ଟ୍ରମ୍ପ ତାଙ୍କର ମତ ପ୍ରକାଶ କରିଛନ୍ତି ଯେ ଜେରୋମି ପାୱେଲ ସୁଧ ହାରକୁ କମ୍ ରଖିବା ଉଚିତ । ଟ୍ରମ୍ପ ଫେଡେରାଲ ରିଜର୍ଭ ଗଭର୍ଣ୍ଣର କୁକ୍‌ଙ୍କୁ ମଧ୍ୟ ତାଙ୍କ ପଦରୁ ହଟାଇବାକୁ ଚେଷ୍ଟା କରୁଛନ୍ତି ।

# ଟମାଟୋର ଅଭାବୀ ବିକ୍ରି ଦୂର କଲା ଭାରତ ମସଲା

**ଚାଷୀଙ୍କୁ ମିଳିଲା ଉପଯୁକ୍ତ ମୂଲ୍ୟ**




**କଟକ, ୧୬।୩(ସମିସ):** ଟମାଟୋର ଅଭାବୀ ବିକ୍ରିକୁ ଏଡାଇବା ପାଇଁ ଭାରତ ମସଲା କମ୍ପାନୀ ଓରମାସ ସହାୟତାରେ ଟମାଟୋ କ୍ରୟ ପାଇଁ ନିଷ୍ପତ୍ତି ନେଇଛି । ଦଲାଲ କବଳରୁ ମୁକ୍ତ କରିବା ପାଇଁ ଭାରତ ମସଲା କମ୍ପାନୀ ଚାଷୀମାନଙ୍କ ଠାରୁ ମେଟ୍ରିକ ମେଟ୍ରିକ ଟନ୍ ଟମାଟୋ କ୍ରୟ କରିବା ପାଇଁ ପ୍ରକ୍ରିୟା ଆରମ୍ଭ କରିଛି । କଟକ ସ୍ଥିତ ଭାରତ ମସଲା କାର୍ଯ୍ୟାଳୟରେ ଅଧ୍ୟକ୍ଷ ସୁରେନ୍ଦ୍ରନାଥ ପଣ୍ଡାଙ୍କ ପୌରହିତ୍ୱରେ ଅନୁଷ୍ଠିତ ବୈଠକରେ ଓରମାସ କଟକର ଯୁଗ୍ମ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବିପିନ ରାଉତ ଟମାଟୋର ଅଭାବୀ ବିକ୍ରି ସମ୍ପର୍କରେ ଧ୍ୟାନ ଆକର୍ଷଣ କରିବା ପରେ ଭାରତ ମସଲା ପକ୍ଷରୁ ତୁରନ୍ତ ଟମାଟୋ କ୍ରୟ ପାଇଁ ସମ୍ମତି ପ୍ରକାଶ ପାଇଥିଲା । ବର୍ତ୍ତମାନ ସୁଦ୍ଧା ଏସଏସଜି ମାଧ୍ୟମରେ କମ୍ପାନୀ କଟକ ଆଠଗଡ଼ ଓ ବଡ଼ମ୍ବା କ୍ଲଷ୍ଟରରୁ ୮ ମେଟ୍ରିକ ଟନ ଏବଂ ଗଞ୍ଜାମ ଜିଲ୍ଲାରୁ ୧୯ ମେଟ୍ରିକ ଟନ ଟମାଟୋ କ୍ରୟ କରିସାରିଛି । ସମ୍ବଲପୁର ଓ ଝାରସୁଗୁଡ଼ାରୁ ୧୫୦ ମେଟ୍ରିକ ଟନ, ଦେବଗଡ଼ରୁ ୧୦୦ ମେଟ୍ରିକ ଟନ, ଗଞ୍ଜାମରୁ ୧୦୦ ମେଟ୍ରିକ ଟନ ଶୁଖିଲା ଲଙ୍କା କ୍ରୟ କରିବାକୁ ମଧ୍ୟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଏହି ବୈଠକରେ ବିଭିନ୍ନ ଜିଲ୍ଲାର ଓରମାସ ଅଧିକାରୀମାନେ ଉପସ୍ଥିତ ରହି ଭାରତ ମସଲାକୁ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏହି ଅବସରରେ ଭାରତ ମସଲାର ଏମ୍‌ଡି ସୁଶାନ୍ତ କୁମାର ପଣ୍ଡା କହିଛନ୍ତି ଯେ, ଆମ ରାଜ୍ୟର ଚାଷୀ ବଜାରରେ କିଭଳି ସେମାନଙ୍କର ଉତ୍ପାଦନକୁ ସହଜରେ ଉପଲବ୍ଧ କରାଇପାରିବେ ଏବଂ ବଜାରକୁ ସୁହାଇଲା ଭଳି ଉନ୍ନତମାନର କୃଷିଜାତ ଦ୍ରବ୍ୟ ପଠାଇ ପାରିବେ ସେଥିପ୍ରତି ଧ୍ୟାନ ଦେବ ଭାରତ ମସଲା କମ୍ପାନୀ ।

# ନୀଳାଚଳ ଇସ୍ପାତର ସମ୍ପ୍ରସାରଣକୁ ପରିବେଶ ମଞ୍ଜୁରୀ

**୪.୮ ନିୟୁତ ଟନକୁ ବଢିବ ଉତ୍ପାଦନ କ୍ଷମତା**



ଦାନଗଦି/ଭୁବନେଶ୍ୱର ୧୬।୩(ସମିସ)

ଓଡ଼ିଶାର ଇସ୍ପାତ ଶିଳ୍ପ ଜଗତରେ ଏକ ନୂତନ ଅଧ୍ୟାୟ ଆରମ୍ଭ ହେବାକୁ ଯାଉଛି । ନୀଳାଚଳ ଇସ୍ପାତ ନିଗମ (ଏନଆଇଏନଏଲ୍) ଏହାର ବାର୍ଷିକ ଉତ୍ପାଦନ କ୍ଷମତାକୁ ବର୍ତ୍ତମାନର ୧ ନିୟୁତ ଟନରୁ ୪.୮ ଏମଟିପିଏକୁ ବୃଦ୍ଧି କରିବା ପାଇଁ ତାର ପ୍ରଥମ ପର୍ଯ୍ୟାୟ ସମ୍ପ୍ରସାରଣ କାର୍ଯ୍ୟ ଆରମ୍ଭ କରିବାକୁ ଯାଉଛି । ଏଥିପାଇଁ କେନ୍ଦ୍ର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପରିବେଶ ମଞ୍ଜୁରୀ ପ୍ରଦାନ କରିଛି । ୨୦୨୨ ଜୁଲାଇରେ ଟାଟା ଷ୍ଟିଲ୍ ଦ୍ୱାରା ଅଧିଗ୍ରହଣ ହେବା ପରଠାରୁ ଏହି ପ୍ଲାଣ୍ଟ ମାତ୍ର ୧୦୦ ଦିନ ମଧ୍ୟରେ ପୁନଃ କାର୍ଯ୍ୟକ୍ଷମ ହୋଇ ଏକ ବର୍ଷରୁ କମ୍ ସମୟ ମଧ୍ୟରେ ଏହାର ପୂର୍ଣ୍ଣ ଉତ୍ପାଦନ କ୍ଷମତା ହାସଲ କରି ସଫଳତାର ଏକ ନୂତନ ମାଇଲଖୁଣ୍ଟ ସ୍ଥାପନ କରିଛି । ଏହି ସମ୍ପ୍ରସାରଣ ଯୋଜନାରେ ଏକ ସମ୍ପୂର୍ଣ୍ଣ ସମନ୍ୱିତ ଇସ୍ପାତ ଉତ୍ପାଦନ ବ୍ୟବସ୍ଥା ନିର୍ମାଣ କରାଯିବ । ଏଥିରେ କୋକ୍ ଓଭନ୍ ଏବଂ ବାଏ-ପ୍ରଡକ୍ଟ ପ୍ଲାଣ୍ଟ, ସିଣ୍ଟର୍ ପ୍ଲାଣ୍ଟ, ଏକ ନୂତନ ବ୍ଲାଷ୍ଟ ଫର୍ଣ୍ଣେସ୍, ରିବାର୍ ମିଲ୍, କଏଲ୍ ମିଲ୍ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ଏକ ୱାୟାର୍ ରଡ୍ ମିଲ୍ ଅନ୍ତର୍ଭୁକ୍ତ ରହିଛି । ଏହାବ୍ୟତୀତ ଡିସଲଫ୍ୟୁରାଇଜେସନ୍ ୟୁନିଟ୍, ଲାଇମ୍ କ୍ୟାଲସିନେସନ୍ ପ୍ଲାଣ୍ଟ ଏବଂ କାରଖାନା ପାଇଁ ଏକ ସ୍ୱତନ୍ତ୍ର ବିଦ୍ୟୁତ ପ୍ରକଳ୍ପ ମଧ୍ୟ ପ୍ରତିଷ୍ଠା ହେବ । ଉତ୍ପାଦନ ଦକ୍ଷତା ବୃଦ୍ଧି ସହ ପରିବେଶ ରକ୍ଷା ପାଇଁ କମ୍ପାନୀ ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳ ବ୍ୟବହାର କରିବ । ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଇଲେକ୍ଟ୍ରୋଷ୍ଟାଟିକ୍ ପ୍ରେସିପିଟେଟର୍ସ, ସାଇକ୍ଲୋନ୍ ସେପାରେଟର୍ସ, ଡ୍ରାଏ-ଫଗ୍ ସିଷ୍ଟମ୍, ବ୍ୟାଗ୍ ଫିଲ୍ଟର୍ ଏବଂ ଯାନ୍ତ୍ରିକ ଜଳ ସିଞ୍ଚନ ଭଳି ଉନ୍ନତ ପ୍ରଦୂଷଣ ନିରୋଧକ ବ୍ୟବସ୍ଥା ଗ୍ରହଣ କରିବ । ଏହି ସମ୍ପ୍ରସାରଣ କଳିଙ୍ଗନଗର ସ୍ଥାନୀୟ ଅଞ୍ଚଳର ସାମଗ୍ରିକ ବିକାଶରେ ପ୍ରମୁଖ ଭୂମିକା ଗ୍ରହଣ କରିବ । ଏହାଦ୍ୱାରା ଅନୁଷଙ୍ଗିକ ଶିଳ୍ପ, ସେବା ପ୍ରଦାନକାରୀ ସଂସ୍ଥା ଏବଂ ପରିବହନ କ୍ଷେତ୍ରରେ ବ୍ୟାପକ ସୁଯୋଗ ସୃଷ୍ଟି ହେବ । ଏହା ସ୍ଥାନୀୟ ଅର୍ଥନୀତିକୁ ଜାତୀୟ ତଥା ବିଶ୍ୱସ୍ତରୀୟ ଇସ୍ପାତ ବଜାର ସହ ଯୋଡ଼ିବ । ଦ୍ୱିତୀୟ ପର୍ଯ୍ୟାୟରେ କମ୍ପାନୀ ଏହାର ଉତ୍ପାଦନ କ୍ଷମତାକୁ ୯.୫ ଏମଟିପିଏ କୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛି, ଯାହା ଏହି ଅଞ୍ଚଳ ପାଇଁ ଅଧିକ ଆର୍ଥିକ ସୁଯୋଗ ଆଣିଦେବ ।

# ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଦ୍ୱାରା ଓଏମ୍‌ସିଏଲ୍ କର୍ମଚାରୀଙ୍କ ପରିବାରକୁ ସହାୟତା ରାଶି ପ୍ରଦାନ




**ଭୁବନେଶ୍ୱର,୧୬।୩:** ଓଡିଶା ମାଇନିଂ କର୍ପୋରେଶନ ଲିଃ (ଓଏମ୍‌ସିଏଲ୍) ସହିତ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର କଷ୍ଟମାଇଜ୍ ସାଲାରୀ ପ୍ୟାକେଜ ଅନୁସାରେ ଓଏମ୍‌ସି କର୍ମଚାରୀ ସ୍ୱର୍ଗତଃ ସତ୍ୟବ୍ରତ ପାଢୀଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କାର ଟର୍ମ ଇନ୍‌ସ୍ୟୁରାନ୍ସ ଦାବୀ ସମାଧାନ ରାଶି ବ୍ୟାଙ୍କ ପକ୍ଷରୁ ପ୍ରଦାନ କରାଯାଇଛି । ଏହି କଷ୍ଟମାଇଜ୍ ସାଲାରୀ ପ୍ୟାକେଜ୍‌ର ନିୟମ ଓ ସର୍ତ୍ତାବଳୀ ଅନୁସାରେ ଯୋଗ୍ୟ କର୍ମଚାରୀଙ୍କୁ ଦୁର୍ଘଟଣାଜନିତ ମୃତ୍ୟୁ ଘଟିଲେ ୧ କୋଟି ୨୦ ଲକ୍ଷ ଟଙ୍କା ଏବଂ ସାଧାରଣ ମୃତ୍ୟୁ ଘଟିଲେ ୨୦ ଲକ୍ଷ ଟଙ୍କାର ଇନ୍‌ସ୍ୟୁରାନ୍ସ ସୁବିଧା ପ୍ରଦାନ କରାଯାଇଥାଏ । ଭୁବନେଶ୍ୱରର ଓଏମ୍‌ସି କାର୍ଯ୍ୟାଳୟରେ ଅୟୋଜିତ ଏକ କାର୍ଯ୍ୟକ୍ରମରେ ସ୍ୱର୍ଗତ ସତ୍ୟବ୍ରତ ପାଢୀଙ୍କ ଆଇନଗତ ଉତ୍ତରାଧିକାରୀ ପୁଷ୍ପାଞ୍ଜଳୀ ରଥଙ୍କୁ ୨୦ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଇଛି । ଏଥିରେ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟର କ୍ଷେତ୍ରୀୟ ମୁଖ୍ୟ ନିରଞ୍ଜନ ବାରିକ, ମୃତ୍ୟୁଞ୍ଜୟ କୁମାର, ସହାୟକ ମହାପ୍ରବନ୍ଧକ,ଦୀନେଶ କୁମାର, ମୁଖ୍ୟ ପ୍ରବନ୍ଧକ, ପଟିଆ ଶାଖାର ଶାଖା ପ୍ରବନ୍ଧକ ଦୀନେଶ ଭୁଜବଳ ଏବଂ ଓଏମ୍‌ସି କ୍ୟାମ୍ପସ ଶାଖାର ଶାଖା ପ୍ରବନ୍ଧକ ପଞ୍ଚାନନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

